ଓୟୁଏଟି ପ୍ରକାଶନ ସଂଖ୍ୟା : ୨୦୨୫୧୨୦୬୦୭
2025120607

# ବ୍ୟବସାୟିକ ଭିତ୍ତିରେ ଲିଚୁ ଚାଷ



:ସମ୍ପାଦନା ମଣ୍ଡଳୀ:

ଡ. ସୁଶ୍ରୀ ଚୌଧୁରୀ
ବୈଜ୍ଞାନିକ
(ଉଦ୍ୟାନ ବିଜ୍ଞାନ)

ଶ୍ରୀ ଜୟଶଙ୍କର ପ୍ରଧାନ
ବିଷୟ ବସ୍ତୁ ବିଶେଷଜ୍ଞ
(କୃଷି ପାଣିପାଗ)

ଇଂ ଜାନୁଆରିୟସ୍ କୁଜୁର
ବିଷୟ ବସ୍ତୁ ବିଶେଷଜ୍ଞ
(କୃଷି ଇଞ୍ଜିନିୟରିଂ)

: ମୁଖ୍ୟ ସମ୍ପାଦକ :

ଡ. ସଂଗ୍ରାମ ପରମଗୁରୁ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

କୃଷି ବିଜ୍ଞାନ କେନ୍ଦ୍ର
ରା. ଉଦୟଗିରି, ଗଜପତି-୭୬୧୦୧୬
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ବ୍ୟବସାୟିକ ଭିତ୍ତିରେ ଲିଚୁ ଚାଷ


ସଂପାଦନା:

ଡ. ସଂଗ୍ରାମ ପରମଗୁରୁ

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ଲେଖକ:

ଡ. ସୁଶ୍ରୀ ଚୌଧୁରୀ

ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)

ଶ୍ରୀ ଜୟଶଙ୍କର ପ୍ରଧାନ

ବିଷୟ ବସ୍ତୁ ବିଶେଷଜ୍ଞ : (କୃଷି ପାଣିପାଗ)

ଇଂ ଜାନୁଆରିୟସ୍ କୁଜୁର୍

ବିଷୟ ବସ୍ତୁ ବିଶେଷଜ୍ଞ :(କୃଷି ଇଞ୍ଜିନିୟରିଂ)



କୃଷି ବିଜ୍ଞାନ କେନ୍ଦ୍ର, ଗଜପତି

ରା. ଉଦୟଗିରି, ଗଜପତି-୭୬୧୦୧୬

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ବ୍ୟବସାୟିକ ଭିତ୍ତିରେ ଲିଚୁ ଚାଷ

ଚୀନ୍ ଦେଶରୁ ଉତ୍ପତ୍ତି ଲାଭ କରିଥିବା ଲିଚୁ ଫଳଟି ଗାଢ଼ କମଳା ଗୋଲାପୀ ରଙ୍ଗ, ସୁଗନ୍ଧଯୁକ୍ତ ଖଟାମିଠା ଭରା ସ୍ୱାଦ ଓ ବିଭିନ୍ନ ଖାଦ୍ୟସାର ପରିପୁଷ୍ଟତା ଯୋଗୁଁ ଫଳମାନଙ୍କର ରାଣୀ ବୋଲି କୁହାଯାଏ। ଏହି ଲିଚୁ ଫଳ ୧୭ ଶତାବ୍ଦୀର ଶେଷ ବେଳକୁ ଭାରତକୁ ଆସଥିଲା। ଆଜି ଲିଚୁ ଉତ୍ପାଦନରେ ଚୀନ ପଛକୁ ଭାରତ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଭାରତରେ ମୁଖ୍ୟତଃ ଉତ୍ତର ବିହାରର ମୁଜାଫରପୁର, ବୈଶାଳୀ, ସମସ୍ତିପୁର, ବେଗୁସରାୟୀ ଅଞ୍ଚଳ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟରେ ଏହି ଚାଷ କରାଯାଇଥାଏ। ଓଡ଼ିଶାରେ ଅନୁଗୋଳ ଜିଲ୍ଲାର ବଇଣ୍ଡା, କିଶୋରନଗର ଓ ପାଲଲହଡ଼ା ଅଞ୍ଚଳ ସମଗ୍ର ଦେବଗଡ଼ ଜିଲ୍ଲା, ସମ୍ବଲପୁର, କୋରାପୁଟ ଏବଂ ସୁନ୍ଦରଗଡ଼ ଜିଲ୍ଲାର କେତେକ ଅଞ୍ଚଳରେ ଏହି ଚାଷ କରାଯାଇଥାଏ। ଲିଚୁରେ କ୍ୟାଲସିୟମ୍, ଫରଫରସ ଏବଂ ଭିଟାମିନ୍ ଅଧିକ ପରିମାଣରେ ଥାଏ। ଏହି ଫଳରେ ଭିଟାମିନ୍ 'ଗ' ୪୦-୯୦ ମି.ଗ୍ରା/୧୦୦ ଗ୍ରାମ ଫଳ ରସରେ ଥାଏ।

## ଜଳବାୟୁ :

ଲିଚୁ ମୁଖ୍ୟତଃ ଏକ ଉଷ୍ମ ଗ୍ରୀଷ୍ମମଣ୍ଡଳୀୟ ଫଳ। ଏହା ଆର୍ଦ୍ର ଜଳବାୟୁ ସହିତ ଅଧିକ ବୃଷ୍ଟିପାତ ଏବଂ କୁହୁଡ଼ି ବିହୀନ ଅଞ୍ଚଳରେ ଭଲ ଭାବରେ ହୋଇଥାଏ। ଏହା ୩୦° ସେଲସିୟସ ଉତ୍ତାପରେ ଭଲ ବୃଦ୍ଧି କରିଥାଏ। କିନ୍ତୁ



ଫୁଲ ସମୟରେ ୨୧° ସେଲସିୟସ୍ ଉତ୍ତାପ ଏବଂ ଗଠନ ବୃଦ୍ଧି ସମୟରେ ୩୮° ସେଲସିୟସ୍ ଉତ୍ତାପ ଏବଂ ଫୁଲ ହେବା ସମୟରେ ଦୁଇମାସ ବୃଷ୍ଟିପାତ ନ ହେଉଥିବା ଅଞ୍ଚଳରେ ଏହା ଭଲହୁଏ । ହିମାପାତ ଏବଂ ଗରମ ପବନ ବହୁଥିବା ସ୍ଥାନ-ମାନଙ୍କରେ ଏହାର ଚାଷ ନ କରିବା ଉଚିତ । ଆର୍ଦ୍ର ବସନ୍ତ, ଶୁଖିଲା ଖରା ଏବଂ ଅଳ୍ପ ଶୀତ ଲିଚୁର ଫଳ ଫଳିବା ପାଇଁ ଉପଯୁକ୍ତ ।

## ମୃତ୍ତିକା :

ଭାରତରେ ଅନେକ ପ୍ରକାର ମାଟିରେ ଲିଚୁ ଚାଷ କରାଯାଇପାରେ କିନ୍ତୁ ଗଭୀର ବାଲିଆ, ଦୋରସା ଏବଂ ନିଗିଡ଼ା ମାଟିରେ ଏହାର ଚାଷ ଭଲ ହୋଇଥାଏ । ମାଟିର ଅମ୍ଳତା ୫.୫ରୁ ୭.୦ ଏବଂ ଅଧିକ ଚୂନ ଥିବା ମାଟିରେ ଏହାର ଅମଳ ଅଧିକ ହୋଇଥାଏ ।

## କିସମ :

ଭାରତରେ ଅନେକ ପ୍ରକାର କିସମ ଚାଷ କରାଯାଇଥାଏ କିନ୍ତୁ ଫଳ ପାଚିବା ସମୟକୁ ନେଇ ମୁଖ୍ୟତଃ କିସମଗୁଡ଼ିକ ତିନିଭାଗରେ ବିଭକ୍ତ କରାଯାଇଥାଏ ।

ସହଳ କିସମ- ଗ୍ରୀନ, ସାହି, ମୁଜାଫରପୁର, ଦେଶୀ, କଲିକତା

ମଧ୍ୟମ କିସମ- ବମ୍ବେଇ, ରୋଜ ସେଣ୍ଟେଡ୍ ଆର୍ଲିବେଦନା, ସାହାରାନପୁର

ବିଳମ୍ବ କିସମ- ସ୍ୱର୍ଣ୍ଣ, ରୂପା, ପୂର୍ବି, ଲେଟ୍‌ବେଦନା, ସି.ଏଚ୍.ଇ.ଏସ୍-୨



## ବଂଶବିସ୍ତାର :

ଲିଚୁ ମଞ୍ଜି ଏବଂ ଡାଳ କଲମି ଦ୍ୱାରା ବଂଶ ବିସ୍ତାର କରିଥାନ୍ତି । କିନ୍ତୁ ମଞ୍ଜି ଦ୍ୱାରା ବଂଶ ବିସ୍ତାର ସାଧାରଣତଃ କରାଯାଏ ନାହିଁ, କାରଣ ଏଥିରୁ ପ୍ରସ୍ତୁତ ଗଛ ୭ରୁ ୧୨ ବର୍ଷ ପର୍ଯ୍ୟନ୍ତ ଫଳ ଆସିବାକୁ ସମୟ ନିଅନ୍ତି । ତେଣୁ ଏହା ବ୍ୟବସାୟିକ ଭିତ୍ତିରେ ଚାଷ ପାଇଁ ଉପଯୁକ୍ତ ନୁହେଁ । ବ୍ୟବସାୟିକ ଭିତ୍ତିରେ ଲିଚୁ ଚାଷ ପାଇଁ ଗୁଟି କଲମି ଗଛ ବ୍ୟବହାର କରାଯାଏ । ଏହି ଗୁଟି କଲମି ଗଛଗୁଡ଼ିକ କୌଣସି ନିର୍ଭରଯୋଗ୍ୟ ନର୍ସରୀରୁ ବା ସରକାରୀ ସଂସ୍ଥାର ନୀରୋଗ ଡାଳବିହୀନ ଏବଂ ୨-୯ ମାସର ଗୁଟି କଲମି ହୋଇଥିବା ଆବଶ୍ୟକ ।

## ଜମି ପ୍ରସ୍ତୁତି ଏବଂ ଚାରା ରୋପଣ :

ଜମିରେ ଗଛ ଲଗାଇବା ପୂର୍ବରୁ ପ୍ରଥମେ ଜମି ସଫା ଏବଂ ଜମିର ଏକ ଚାରାକୁ ଅଳ୍ପ ଗଡ଼ାଣିଆ କରି ପ୍ରସ୍ତୁତ କରିବା ଉଚିତ ଯେପରିକି ବର୍ଷାଦିନେ ପାଣି ଜମି ନରୁହେ । ଏହା ସହିତ ଜମିକୁ ୨ରୁ ୩ ଓଡ଼ ଚାଷ କରିବା ଉଚିତ । ସାଧାରଣତଃ ଲିଚୁଗଛ ବର୍ଗାକାର ପ୍ରଣାଳୀରେ ଧାଡ଼ିକୁ ଧାଡ଼ି ଓ ଗଛକୁ ଗଛ ୭-୧୨ ମିଟର ବ୍ୟବଧାନରେ ଲଗାଯାଏ । ଏହିପରି ଭାବେ ହେକ୍ଟର ପ୍ରତି ୧୨୫-୨୦୦ ଗୋଟି ଗଛ ଲାଗିଥାଏ । ଗଛ ଲଗାଇବାର ଅତିକମ୍‌ରେ ୧ ମାସ ପୂର୍ବରୁ ୧ ଘନ ମିଟର ବିଶିଷ୍ଟ ଆକୃତିର ଗାତ ଖୋଳି ୪ରୁ ୫ ଝୁଡ଼ି ସଢ଼ା ଗୋବରଖତ, ୨ କିଲୋଗ୍ରାମ୍ ହାଡ଼ଗୁଣ୍ଡ, ୪୦୦ ଗ୍ରାମ ପଟାସ, ୨୫୦



ଗ୍ରାମ ନିମ୍ବ ପିଡ଼ିଆ ଏବଂ ପୁରୁଣା ଲିଚୁ ବଗିଚାରୁ ଏକଝୁଡ଼ି ମାଟିଦେଇ ଗାତ ପୂରଣ କରାଯାଏ। ଇଲାକାରେ ଉଇ ପ୍ରାଦୁର୍ଭାବ ଦେଖି ଗାତ ପ୍ରତି ୧୦୦ ଗ୍ରାମ ମିଥାଇଲ ପାରାଥିଅନ୍ ଗୁଣ୍ଡ (୨%) କିମ୍ବା କ୍ଲୋରୋପାଇରିଫସ୍ ଗୁଣ୍ଡ (୫%) ଦିଆଯାଏ। ସାଧାରଣତଃ ଲିଚୁ ଗଛ ଜୁନ୍-ଜୁଲାଇ ମାସରେ ରୋପଣ କରାଯାଏ। କିନ୍ତୁ ଜଳସେଚନ ସୁବିଧା ଥିବା ସ୍ଥାନରେ ସେପ୍ଟେମ୍ବର-ଅକ୍ଟୋବର ମାସ ପର୍ଯ୍ୟନ୍ତ ଚାରା ରୋପଣ କରାଯାଇପାରେ। ଚାରା ରୋପଣବେଳେ ଧ୍ୟାନ ଦେବାକୁ ହୁଏ ଯେପରି ମାଟି ପିଣ୍ଡୁଳା ଭାଙ୍ଗିନଯାଏ, ତେଣୁ ଏଥିପାଇଁ ଚାରାଗଛର ଜରି ଭଲଭାବରେ କାଟି ମାଟି ପିଣ୍ଡୁଳାକୁ ଭୂମି ପତନ ସହିତ ସମାନ ରଖି ଚାରାଗଛ ଲଗାଇକରି ଜଳସେଚନ କରିବା ଉଚିତ୍।

## ଖତ ଓ ସାରପ୍ରୟୋଗ :

ପରୀକ୍ଷଣରୁ ଜଣାଯାଏ ଲିଚୁ ଗଛର ବୃଦ୍ଧି ଓ ଉପଯୁକ୍ତ ଫଳ ଧାରଣ ପାଇଁ ଯବକ୍ଷାରଜାନ, ଫସଫରସ୍, ପଟାସିୟମ୍, କାଲସିୟମ୍, ମାଗ୍ନେସିୟମ୍, ଜିଙ୍କ୍, ଆଇରନ୍, କପର ଏବଂ ବୋରନ ସଠିକ୍ ମାତ୍ରାରେ ଦରକାର ହୋଇଥାଏ। ଏଥିମଧ୍ୟରୁ ମ୍ୟାଗ୍ନେସିୟମ୍ ଅଭାବରେ ଫୁଲ କମ୍ ଧରେ କିମ୍ବା ମୋଟେ ଧରେ ନାହିଁ। ପତ୍ର ଛୋଟ ହୋଇ ଦାଗ ହୋଇଯାଏ। ଜିଙ୍କ୍ ଅଭାବରେ ନୂତନ ପତ୍ର ଈଷତ୍ ଲାଲ ହୁଏ, ଫଳ ଛୋଟ ହୁଏ ଏବଂ ଫାଟେ। ସେହିଭଳି ବୋରନ୍



| ଗଛର ବୟସ (ବର୍ଷ) | ଖତ ବା କମ୍ପୋଷ୍ଟ (କି.ଗ୍ରା.) | ନିମ୍ବ ବା କରଞ୍ଜ ପିଡ଼ିଆ (କି.ଗ୍ରା.) | ୟୁରିଆ (ଗ୍ରାମ) | ସି.ସୁପର ଫସ୍‌ଫେଟ (ଗ୍ରାମ) | ମ୍ୟୁରେଟ ଅଫ ପଟାସ (ଗ୍ରାମ) |
|---|---|---|---|---|---|
| ୧-୩ | ୨୦-୩୦ | ୨-୨.୫୦୦ | ୧୦୦-୫୦୦ | ୨୦୦-୬୦୦ | ୫୦-୧୫୦ |
| ୪-୬ | ୩୫-୪୫ | ୩-୩.୫୦୦ | ୫୦୦-୧୦୦୦ | ୭୫୦-୧୨୫୦ | ୨୦୦-୩୦୦ |
| ୭-୧୦ | ୫୦-୭୦ | ୩.୫୦୦-୪ | ୧୦୦୦-୧୫୦୦ | ୧୫୦୦-୨୦୦୦ | ୩୦୦-୫୦୦ |
| ୧୦ ବର୍ଷରୁ ଅଧିକ | ୭୫ | ୪-୫ | ୧୫୦୦-୨୦୦୦ | ୨୨୫୦-୨୫୦୦ | ୬୦୦ |

ଫଳର ଗୁଣାତ୍ମକ ମାନ ଏବଂ ଅମଳ ବଢ଼ାଇବା ପଇଁ ମିଶ୍ରିତ ଅଣୁସାର ପ୍ରୟୋଗ କରାଯାଏ । ମୁଖ୍ୟସାର ସହିତ ଅଣୁସାର ଗଛ ପ୍ରତି ୧୦୦-୨୫୦ ଗ୍ରାମ ମାଟିରେ ଦେବା ଉଚିତ କିମ୍ବା ଫଳଧାରଣ ସମୟରେ ମିଶ୍ରିତ ଅଣୁସାର ୩ ମି.ଲି. ପ୍ରତି ଲିଟର ପାଣିରେ ମିଶାଇ ସ୍ପ୍ରେ କରାଯିବା ଉଚିତ । ପ୍ରତି ୩ ବର୍ଷରେ ଗଛ ପ୍ରତି ୧୦-୧୫ କି.ଗ୍ରା. ଚୂନ ପ୍ରୟୋଗ କରିବା ଦରକାର । ମାଗ୍ନେସିୟମ୍‌ର ଅଭାବ ପରିଲକ୍ଷିତ ହେଲେ ମାଗ୍ନେସିୟମ୍ ସଲଫେଟ ୧ ଗ୍ରାମ ପ୍ରତି ଲିଟରରେ ମିଶାଇ କରି ସ୍ପ୍ରେ କରିବା ଉଚିତ । ଜିଙ୍କ୍ ଏବଂ ବୋରନ୍ ଅଭାବ ଦେଖାଗଲେ ଜିଙ୍କ୍ ସଲଫେଟ୍ ୧ ଗ୍ରାମ ଏବଂ ବୋରନ୍ ୧ ଗ୍ରାମ ପ୍ରତି ଲିଟର ପାଣିରେ ମିଶାଇ କରି ସ୍ପ୍ରେ କଲେ ସୁଫଳ ମିଳିଥାଏ ।

ଅଭାବରେ ମଧ୍ୟ ଫଳ ଛୋଟ ହେବା ସହ ଫାଟିଥାଏ। ବର୍ଷକରୁ ୩ ବର୍ଷ ଗଛକୁ ତିନିରୁ ଚାରିଥରରେ ଖତ ସାର ଦିଆଯାଏ। ଫଳନ୍ତି ଗଛରେ ଅଧା ଖତ ସାର ଜୁନ୍ ଜୁଲାଇ ମାସରେ ଓ ଅବଶିଷ୍ଟ ସାର ସେପ୍ଟେମ୍ବର ଏବଂ ଅକ୍ଟୋବର ମାସରେ ଦିଆଯାଏ। ଫଳନ୍ତି ଗଛର ଅଧିକାଂଶ ଖାଦ୍ୟଚେର ଫୁଟେ ଗଭୀର ମଧ୍ୟରେ ଥିବାରୁ ଗଛ ଠାରୁ ୧.୫ରୁ ୨ ମିଟର ଦୂରତାରେ ଏବଂ ଫୁଟେ ଗଭୀରର ଟ୍ରେଞ୍ଚ ଖୋଳି ଖତସାର ଦେବା ଉଚିତ। ଲିଚୁ ଗଛର ବୟସ ଅନୁଯାୟୀ ନିମ୍ନ ପରିମାଣରେ ଖତ ଓ ସାର ଆବଶ୍ୟକ ହୋଇଥାଏ।

## ବଗିଚା ପରିଚାଳନା :

ବର୍ଷକୁ ଦୁଇଥର ଅଗଭୀର ଚାଷ କରି ଅନାବନା ଗଛ ନଷ୍ଟ କରିବାକୁ ପଡ଼ିଥାଏ। ଛୋଟ ଗଛକୁ ସିଧା ଭାବରେ ବଢ଼ିବା ପାଇଁ ବାଡ଼ିଟିଏ ପୋତି ହାଲକା ଭାବରେ ବାନ୍ଧି ଦିଆଯାଏ। ବଗିଚାର ଚାରିପଟେ ବାଡ଼ ବନ୍ଦିକରି ଗଛକୁ ସୁରକ୍ଷା ଦେବାକୁ ପଡ଼ିଥାଏ ଏବଂ ଖରାଦିନେ ଛୋଟ ଗଛକୁ ଗରମ ପବନରୁ ରକ୍ଷା କରିବା ପାଇଁ ଗୋରଡ଼ା କରିବାକୁ ପଡ଼ିଥାଏ। ପ୍ରଥମ ବର୍ଷ ଗୁଡ଼ିକରେ ପନିପରିବା, ଫସଲ, ଡାଲିଜାତୀୟ ଫସଲ ଓ ମସଲା ଜାତୀୟ ଫସଲ ଇତ୍ୟାଦି ଅନ୍ତଃ ଫସଲ ହିସାବରେ ନିଆଯାଇଥାଏ। ପୁରୁଣା ବଗିଚାରେ ଅଦା କିମ୍ବା ହଳଦୀ ଇତ୍ୟାଦି ଅନ୍ତଃ ଫସଲ ହିସାବରେ ନିଆଯାଇପାରେ। ଲିଚୁ ବଗିଚାରେ ମହୁମାଛି ଚାଷ କଲେ ଲିଚୁର ଅମଳ ବଢ଼ିଥାଏ। ଗଛର ମୂଳଠାରୁ ୬୦ରୁ ୭୫ ସେ.ମି. ମଧ୍ୟରେ ନୂତନ ଶାଖା ବା ଡାଳ ବାହାରିଲେ ତାକୁ କାଟିଦେଇ ତାର ଉପରକୁ ୧୫-୨୦ ସେ.ମି. ବ୍ୟବଧାନରେ ୩-୪ଟି ଶାଖା ବିଭିନ୍ନ ଦିଗରେ ରଖିବାକୁ ପଡ଼ିଥାଏ। ସେପ୍ଟେମ୍ବର-ଅକ୍ଟୋବର ମାସରେ ଶୁଖିଲା ରୋଗଣା ଏବଂ ଛନ୍ଦାଛନ୍ଦି ହୋଇଥିବା ଡାଳ ଓ ଶାଖା ସବୁ କାଟି କପର ଅକ୍ସିକ୍ଲୋରାଇଡ୍ ଦ୍ରବଣ କିମ୍ବା ଗୋବର ଲଗାଇ ଦେବା ଉଚିତ। ପ୍ରଥମ ତିନି ବର୍ଷ ପର୍ଯ୍ୟନ୍ତ ଲିଚୁ ଫୁଲ ଆସିଲେ ତାକୁ ଭାଙ୍ଗିଦେବା ଉଚିତ କିନ୍ତୁ ଯଦି ଡାଳ ନଭାଙ୍ଗି କେବଳ ବଉଳ ଦୁହିଁ ଦିଆଯାଏ ତେବେ ଫୁଲ ଜଲଦି ଆସେ ଏବଂ ଅଧିକ ଅମଳ ହୁଏ।

## ଜଳସେଚନ :

ଜଳସେଚନ ଲିଚୁ ଚାଷରେ ମୁଖ୍ୟଭୂମିକା ଗ୍ରହଣ କରିଥାଏ। କାରଣ ଫଳବୃଦ୍ଧି ସମୟରେ ଜଳସେଚନ କରାଯାଏ। ଫଳନ୍ତି ଲିଚୁଗଛ ଦିନକୁ ୨୫-

୭୫ ଲିଟର ପାଣି ଦରକାର କରିଥାଏ । ପ୍ରଥମ ବର୍ଷ ଗୁଡ଼ିକରେ ଗଛକୁ ଶୀତ ଦିନରେ ୭-୧୪ ଦିନ ବ୍ୟବଧାନରେ ଏବଂ ଖରାଦିନରେ ୪-୫ ଦିନ ବ୍ୟବଧାନରେ ଜଳସେଚନ କରିବାକୁ ପଡ଼ିଥାଏ । ଫଳନ୍ତି ଗଛରେ ଫଳ ଧରିବା ଠାରୁ ଫଳ ପାଚିବା ପର୍ଯ୍ୟନ୍ତ ୨-୩ ଦିନ ବ୍ୟବଧାନରେ ଜଳସେଚନ କରିବାକୁ ପଡ଼ିଥାଏ କାରଣ ଜଳସେଚନ ଦ୍ୱାରା ଗଛର ମୂଳରେ ଆର୍ଦ୍ରତା ରହିଲେ ଲିଚୁ ଫଳ ଶୀଘ୍ର ଫାଟେ ନାହିଁ । ଲିଚୁ ବଗିଚାରେ ବୁନ୍ଦା ଜଳସେଚନ ସହିତ ଛାଦିକରଣ କଲେ ଲିଚୁଫଳର ମାନ ଓ ଅମଳ ବୃଦ୍ଧି ହୋଇଥାଏ ।

## ରୋଗ ପୋକ ପରିଚାଳନା :

## ୧. ଫଳମାଛି :

ପାଚିଲା ଲିଚୁରେ ଧଳାଧଳା ପୋକ ଲାଗିଥାନ୍ତି ଏବଂ ଏହାଦ୍ୱାରା ଲିଚୁ ଖସି ପଡ଼ିଥାଏ ।

### ପରିଚାଳନା :

ମାଟିରେ ପଡ଼ିଥିବା ଲିଚୁକୁ ଗୋଟାଇ ନଷ୍ଟ କରିଦେବା ଉଚିତ । ନଭେମ୍ବର-ଡିସେମ୍ବର ମାସର ପ୍ରଥମ ଏବଂ ୪ର୍ଥ ସପ୍ତାହରେ କାର୍ବାରିଲ ୨ ଗ୍ରାମ ଏବଂ ଗୁଡ଼ ୧୦ ଗ୍ରାମ ଏକ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ଫଳ ସମୟରେ ୧ ଲିଟର ପାଣିରେ ୧୦ ଗ୍ରାମ ଗୁଡ଼, ୧ ମି.ଲି. ମାଲାଥିଅନ ଓ ଗୋଟିଏ ଇଷ୍ଟ ବଟିକା ମିଶାଇ ଏକର ପିଛା ୪ଟି ବିଷ ଥୋପ ରଖିଲେ ଫଳମାଛି ଆକ୍ରମଣ କିଛି ମାତ୍ରାରେ କମିଥାଆନ୍ତି ।





## ୨. ଫଳବିନ୍ଧା ପୋକ :

ଫଳବିନ୍ଧା ପୋକର ଶୁକଗୁଡ଼ିକ ଫଳ ଓ ମଞ୍ଜିରେ ପଶିଯାଇ ଏହାକୁ ନଷ୍ଟ କରିଦିଅନ୍ତି । ଏହା ଲିଚୁର ଏକ ମୁଖ୍ୟ ସମସ୍ୟା ଯାହାଦ୍ୱାରା ଲିଚୁର ବଜାର ମୂଲ୍ୟ କମ୍ ମିଳିଥାଏ । ଏହି ପୋକ ଆକ୍ରମଣ ଦ୍ୱାରା ଫଳ ପଚି ଯାଇଥାଏ ଏବଂ ଏହା ଶେଷରେ ଝଡ଼ିପଡ଼େ ।

### ପରିଚାଳନା :

ମାଟିରେ ପଡ଼ିଥିବା ସବୁ ଫଳ ନଷ୍ଟ କରିଦେବା ଉଚିତ ଏବଂ ଫଳ ଅମଳର ୪୦-୪୫ ଦିନ ପୂର୍ବରୁ ୧୫ ଦିନ ଅନ୍ତରରେ ୨ ଥର ଇମିଡାକ୍ଲୋପ୍ରିଡ୍ (୨.୦ ମି.ଲି./ ୧୦ ଲିଟର) କିମ୍ବା ଫେନ୍‌ଭାଲିରେଟ୍ ବା ସାଇପରମେଥ୍ରିନ (୧ ମି.ଲି./ଲିଟର) ସ୍ପ୍ରେ କରିବା ଦ୍ୱାରା ଏହା ନିୟନ୍ତ୍ରଣ ହୋଇଥାଏ ।

## ୩. ବକଲଖିଆ ପୋକ :

ବକଲଖିଆ ପୋକର ଶୁକ ଗଛର ବକଳ ତଳେ ରହିଥାଏ ଏବଂ କାଠଗୁଣ୍ଡ ସହ ମଳ ଇତ୍ୟାଦି ନେଇ ଜାଲ ବାନ୍ଧେ । ଏହାଦ୍ୱାରା ଗଛ ଦୁର୍ବଳ ହୋଇଯାଏ ଏବଂ ଗଛର ଅମଳ କମିଯାଏ ।

### ପରିଚାଳନା :

ଗଛର ଜାଲ ସବୁ ସଫା କରି ତୁଳାରେ ମନୋକ୍ରୋଟୋଫସ୍ (୧.୫ ମି.ଲି./ଲିଟର) କିମ୍ବା କିରୋସିନ ଭିଜାଇ ଗଛରେ ଥିବା ଗାତ ମୁହଁରେ ଦେଇ ମାଟି ଦ୍ୱାରା ଗାତ ମୁହଁ ବନ୍ଦ କରିଦେବା ଉଚିତ ।

## ୪. ଅଷ୍ଟପଦୀ :

କଳା ରଙ୍ଗର ଛୋଟ ଛୋଟ ଏହି ଅଷ୍ଟପଦୀ ଗୁଡ଼ିକ ପତ୍ର ତଳେ ଥାଇ ନରମ ପତ୍ର, ଡାଳ, ଫୁଲ ଓ ଫଳରୁ ରସ ଶୋଷି ଖାଇ ଏହାକୁ ନଷ୍ଟ କରିଦେଇଥାନ୍ତି । ପତ୍ର ପ୍ରଥମେ ଈଷତ୍ ହଳଦିଆ ଓ ପରେ ବାଦାମୀ ରଙ୍ଗର ହୋଇ ମୋଡ଼ି ହୋଇଯାଏ ଏବଂ ଏହାର ଆକ୍ରମଣ ଦ୍ୱାରା ଫଳ ଝଡ଼ିପଡ଼େ ।

### ପରିଚାଳନା :

ଫଳ ଅମଳ କରିସାରିବା ପରେ ଗଛକୁ କାଣ୍ଟଛାଣ୍ଟ କରି ପତ୍ର ଏବଂ ଡାଳଗୁଡ଼ିକୁ ପୋଡ଼ିଦେବା ଉଚିତ । ନୂଆପତ୍ର ଏବଂ ଫଳ ଆସିବା ସମୟରେ

ଓମାଇଟ୍ (୧ ମିଲି/ଲିଟର) କିମ୍ୱା ଡାଇକୋଫଲ୍ (୨ ମିଲି/ଲିଟର) ୨ ସପ୍ତାହ ଅନ୍ତରରେ ୨ ଥର କରି ସ୍ପ୍ରେ କରନ୍ତୁ ।

## ରୋଗ :

ଲିଚୁ ଗଛରେ ସେହିପରି କିଛି ରୋଗ ଦେଖାଯାଇ ନଥାଏ, ଯାହା ଦ୍ୱାରା ଲିଚୁ ଗଛର କ୍ଷତି କିମ୍ୱା ଅମଳ କମିଥାଏ । କେବଳ ବର୍ଷାଦିନେ ଯତ୍ନ ଅଭାବ ହେଲେ, ଘାସ ସଫା ନକଲେ ପର୍ଯ୍ୟାପ୍ତ ପରିମାଣର କଲି ମରିଥିବାର ଦେଖାଯାଏ । ଯାହାପାଇଁ ବ୍ଲାଇଟକ୍ସ (୩ ଗ୍ରାମ/ଲିଟର ପାଣି) ୧୫ ଦିନ ଅନ୍ତରରେ ୨ ଥର ପ୍ରୟୋଗ କରିବାକୁ ହୋଇଥାଏ ।

# ଅନ୍ୟାନ୍ୟ ମୁଖ୍ୟ ସମସ୍ୟା :

# ୧. ଫଳରେ ପୋଡ଼ା ଦାଗ ଏବଂ ଫାଟିବା :

ଲିଚୁ ଚାଷରେ ଫଳର ପୋଡ଼ାଦାଗ ଏବଂ ଫଳ ଫାଟିବା ମୁଖ୍ୟ ସମସ୍ୟା । ଏହାଦ୍ୱାରା ଫଳର ଅମଳ କମିଥାଏ । ଫଳର ବୃଦ୍ଧି ସମୟରେ ଅଧିକ ଉତ୍ତାପ (୩୮° ସେଲସିୟସରୁ ଅଧିକ) କମ୍ ଆର୍ଦ୍ରତା (୬୦%ରୁ କମ୍) ଏବଂ ମାଟିରେ ଜଳୀୟ ଅଂଶ କମ୍ ରହିଲେ ଲିଚୁ ଫଳର ଚୋପା ଟାଣ ହୋଇ ପୋଡ଼ିଗଲା ପରି ଦେଖାଯାଏ ଏବଂ ଫଳ ଫାଟିଯାଏ । ସହଳ କିସମରେ ଏହା ଅଧିକ ମାତ୍ରାରେ ଦେଖା ଦେଇଥାଏ ।

## ପ୍ରତିକାର :

(କ) ଲିଚୁ ଗଛକୁ ଗରମ ପବନରୁ ରକ୍ଷା କରିବା ପାଇଁ ପବନ ପ୍ରତିରୋଧକ ଗଛ ଲଗାଇବା ଉଚିତ ।



(ଖ) ଫଳ ଧାରଣା ପରଠାରୁ ଫଳ ପାଚିବା ପର୍ଯ୍ୟନ୍ତ ୨-୩ ଦିନ ଅନ୍ତରରେ ଜଳସେଚନ କରି ମାଟିରେ ଆର୍ଦ୍ରତା ରଖିବାକୁ ହୋଇଥାଏ ।

(ଗ) ଗଛର ମୂଳକୁ ଶୁଖିଲା ପତ୍ର, ନଡ଼ା, ଚିରା କାଗଜ ଓ ପଲିଥିନ ଇତ୍ୟାଦି ଦ୍ୱାରା ଛାଦିକରଣ କରିବା ଉଚିତ ।

(ଘ) ଏହି ସମସ୍ୟାରୁ ରକ୍ଷା ପାଇବା ପାଇଁ ସହନଶୀଳ କିମ୍ବା ନିରୋଧକ କିସମ ଯେପରି ସ୍ୱର୍ଣ୍ଣରୂପା, ସି.ଏଚ୍.ଇ. ଏସ୍-୨ ଲଗାଯାଇପାରେ ।

(ଙ) ଫଳ ଧାରଣାରୁ ଫଳ ପାଚିବା ପର୍ଯ୍ୟନ୍ତ ପ୍ରତି ସପ୍ତାହରେ ଜିଙ୍କ୍ ସଲ୍‌ଫେଟ୍ କିମ୍ବା କାଲ୍‌ସିୟମ୍ ନାଇଟ୍ରେଟ୍ (୧୫ ଗ୍ରାମ୍/ ଲିଟର) ସ୍ପ୍ରେ କରିବା ଉଚିତ ।

(ଚ) ବୋରନ (୨ ଗ୍ରାମ୍/ଲିଟର) ଫଳ ବୃଦ୍ଧି ସମୟରେ ବ୍ୟବହାର କରିବା ଉଚିତ ।

(ଛ) ଏଗ୍ରୋନା କିମ୍ବା ପ୍ଲାନୋଫିକ୍ସ (୨ ମି.ଲି.) କ୍ରିଜିବ କିମ୍ବା ବୋୟୋଜିବି (୪୦ ମି.ଗ୍ରା.) ସୁପର-ଡିଟ କେମିଡ୍ (୧ ମି.ଲି.), ୨, ୪, ୫-ଟି (୧୦ ମି.ଗ୍ରା.) କିମ୍ବା ଇଥ୍ରେଲ୍ (୨୦ ମି.ଲି.) ଏକ ଲିଟର ପାଣିରେ ମିଶାଇ ଫଳ ବୃଦ୍ଧି ସମୟରେ ଗଛରେ ସ୍ପ୍ରେ କରିବା ଉଚିତ ।

## ୨. ଫଳ ଝଡ଼ିବା :

ଲିଚୁ ଗଛରେ ଧାରଣଠାରୁ ଫଳ ପାଚିବା ପର୍ଯ୍ୟନ୍ତ ଫଳଝଡ଼ା ଦେଖାଯାଇଥାଏ । ପ୍ରଥମ ୨-୪ ସପ୍ତାହରେ ସବୁଠାରୁ ଅଧିକ ଫଳଝଡ଼ା ଦେଖାଯାଇଥାଏ । କିସମ ଅନୁସାରେ ଫଳଧାରଣର ୩୦ରୁ ୪୦ ଭାଗ ଫଳ ପାଚିବା ଅବସ୍ଥାକୁ ଆସିଥାଏ । ଫଳ ଝଡ଼ିବାର ମୁଖ୍ୟକାରଣ ଯେପରି ପରାଗସଂଗମ, ପାଣିପାଗ, ଖାଦ୍ୟସାର, ହରମୋନ ଇତ୍ୟାଦି ।

### ପରିଚାଳନା :

(କ) ବଗିଚାକୁ ପରିଷ୍କାର ରଖିବା ଉଚିତ ।

(ଖ) ଗଛରେ ଅନୁମୋଦିତ ପରିମାଣରେ ଖତ ସାର ଠିକ୍ ସମୟରେ ପ୍ରୟୋଗ କରିବା ଉଚିତ ।

(ଗ) ରୋଗ ଏବଂ ପୋକ ଠିକ୍ ସମୟରେ ନିୟନ୍ତ୍ରଣ କରିବା ଉଚିତ ।

(ଘ) ଏଗ୍ରୋନ/ପ୍ଲାନୋଫିକ୍ସ (୨ ମି.ଲି./ଲିଟର) ଅକ୍ଟୋବର ମାସରେ ଏବଂ ଚଣା ସମୟରେ ସ୍ପ୍ରେ କରିବା ଦ୍ୱାରା ଏହା ନିୟନ୍ତ୍ରଣ ହୋଇଥାଏ ।

(ଙ) ଫଳଧାରଣ ସମୟରେ ନିୟମିତ ଭାବରେ ହାଲକା ଜଳସେଚନ କରିବା ଉଚିତ ।

(ଚ) ବଗିଚାରେ ମହୁମାଛି ଚାଷ ଦ୍ୱାରା ପରାଗ ସଂଗମ ଜନିତ ସମସ୍ୟା ଦୂର ହୋଇଥାଏ ।

## ଅମଳ :

ଗଛ ଲଗାଇବାର ୫-୭ ବର୍ଷ ପରଠାରୁ ଫଳ ଅମଳ ଆରମ୍ଭ ହୋଇଥାଏ । ଅମଳ ବିଭିନ୍ନ କାରଣ ଉପରେ ନିର୍ଭର କରେ ଯେପରିକି କିସମ, ଗଛର ବୟସ, ଜଳବାୟୁ ଏବଂ ରୋଗ ଓ ପୋକ ଇତ୍ୟାଦି । ସାଧାରଣତଃ ଫଳଧାରଣ ଠାରୁ ଫଳ ପାଚିବା ପର୍ଯ୍ୟନ୍ତ ଜଳବାୟୁ ଓ କିସମ ଅନୁସାରେ ୫୦-୬୦ ଦିନ ସମୟ ଲାଗିଥାଏ । ଫଳ ଲାଲ୍ ହୋଇ ଚୋପାର ମୁନିଆ ଘରଗୁଡ଼ିକ ଓସାରିଆ ଓ ପାଲିସ୍ ହୋଇଗଲେ ଫଳ ପାଚିଲା ବୋଲି ଜଣାଯାଏ । ଆମ୍ବ ଭଳି ଫଳ ଅମଳ ହେଲାପରେ କିଛି ଗୁଣ ପରିବର୍ତ୍ତନ ହୁଏ ନାହିଁ ତେଣୁ ଏହା ଭଲ ଭାବରେ ପାଚିବା ପରେ ଅମଳ ହେବା ଉଚିତ । ପାଖ ବଜାର ପାଇଁ ସମ୍ପୂର୍ଣ୍ଣ ପାଚିଲା ପରେ ଏବଂ ଦୂର ବଜାର ପାଇଁ ଚୋପା ରଙ୍ଗ ବଦଳିବା ସମୟରେ ଅମଳ କରିବା ଉଚିତ । ସାଧାରଣତଃ ଫଳଗୁଡ଼ିକ ଡାଳ ବା ଡେମ୍ଫ ସହିତ ହାତରେ ତୋଳାଯାଏ । ଗୋଟିଏ ପୂର୍ଣ୍ଣାଙ୍ଗ ଫଳନ୍ତି ଗଛରୁ କିସମ ଏବଂ ଆକାର ଅନୁସାରେ ବର୍ଷକୁ ୮୦-୧୫୦ କି.ଗ୍ରା. ଫଳ ଅମଳ ହୋଇଥାଏ । ସୂର୍ଯ୍ୟପୋଡ଼ା ଦାଗ ଓ ଫଟାଫଳ ସବୁକୁ ଅଲଗା ଗ୍ରେଡ଼ିଂ କରି ରଖାଯିବା ଉଚିତ ଏବଂ ବାଉଁଶ ଝୁଡ଼ିରେ ରଖି ଲିଚୁ ପତ୍ର ଦେଇ ବାନ୍ଧି ବଜାରକୁ ପଠାଯିବା ଉଚିତ । ଲିଚୁ ଫଳକୁ ଶୀତଳ ଭଣ୍ଡାରରେ ମଧ୍ୟ ୩-୪ ସପ୍ତାହ ପର୍ଯ୍ୟନ୍ତ ରଖାଯାଇପାରେ ।


















କୃଷି ବିଜ୍ଞାନ କେନ୍ଦ୍ର, ଗଜପତି

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

email : kvk.gajapati@ouat.ac.in